# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 April - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଅଂଶୁଘାତ ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଲେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ
- ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଉଟ୍‌ଡୋର ଖେଳ ଉପରେ କଟକଣା ଲଗାଇଲେ ସ୍ୱତନ୍ତ୍ର ରିଲିଫ୍ କମିଶନର
- ଆଜି ପବିତ୍ର ମହାବାରୁଣୀ ସ୍ନାନ ଅବସରରେ ବୈତରଣୀ, ମହାନଦୀ, ଋଷିକୂଲ୍ୟ ଆଦି ନଦୀଘାଟରେ ବୁଡ଼ ପକାଇଲେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି; ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବା  ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ

## ଅଂଶୁଘାତ ମୁକାବିଲା ବ୍ୟବସ୍ଥା

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ଆଶଙ୍କା ବୃଦ୍ଧି ପାଇଛି । ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି, ଅଂଶୁଘାତଜନିତ ଚିକିତ୍ସା ପାଇଁ ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬ଟି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ୨ଟି ଶଯ୍ୟା ଲେଖାଏଁ ବ୍ୟବସ୍ଥା କରାଯାଇଛି । ସେହିପରି ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏଁ ଶଯ୍ୟାର ମଧ୍ୟ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପାଣି ମହଜୁଦ ରଖିବା ସହ ଓଆରଏସ୍ ଏବଂ ଏସିର ବନ୍ଦୋବସ୍ତ କରିବାକୁ ମଧ୍ୟ କୁହାଯାଇଛି । ଆବଶ୍ୟକ ପରିମାଣର ଔଷଧ ମହଜୁଦ ରଖିବା ପାଇଁ ସମସ୍ତ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ଆଉଟ୍‌ଡୋର ଖେଳ କଟକଣା

ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ଆଉଟ୍ ଡୋର୍ ଖେଳ ଉପରେ କଟକଣା ଲଗେଇଛନ୍ତି । କ୍ରିକେଟ, ହକି, ଫୁଟବଲ ଆଦି ଖେଳରେ ଖରାରେ ନ ଖେଳିବାକୁ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଚିଠି ଲେଖାଯାଇଛି । ଦିନ ୧୧ଟାରୁ

୩ ଟା ପର୍ଯ୍ୟନ୍ତ ବାହାରେ ନ ଖେଳିବା ଲାଗି ପରାମର୍ଶ ଦିଆଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଖେଳ ଚାଲୁଥିବା ଜଣାପଡ଼ିବା ପରେ ଏସ୍.ଆର୍.ସି. ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ଶ୍ରମିକ - କାର୍ଯ୍ୟ ସମୟ ନିର୍ଘଣ୍ଟ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି । ଶ୍ରମିକମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ମଧ୍ୟରେ କାର୍ଯ୍ୟ କରିପାରିବେ ନାହିଁ । ଏବେଠାରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ । ସବୁ ଜିଲ୍ଲାର ଜିଲ୍ଲାପାଳ, ରାଜସ୍ୱ କମିଶନର ଓ ରାଜ୍ୟ ଶ୍ରମ କମିଶନର୍ଙ୍କୁ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି । କୌଣସି ଜରୁରୀ କିମ୍ବା ଅତ୍ୟାବଶ୍ୟକ ସେବା ସହ ଜଡ଼ିତ କାର୍ଯ୍ୟରେ ଶ୍ରମିକମାନଙ୍କୁ ନିୟୋଜିତ କରାଗଲେ ନିଯୁକ୍ତିଦାତାମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି ।

## ଅଂଶୁଘାତ ଜନିତ ମୁକାବିଲା

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଖଣି ଅଞ୍ଚଳ ଯୋଗୁଁ କ୍ରମାଗତଭାବେ

ଜିଲ୍ଲାରେ ତାପମାତ୍ରାରେ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି । ପ୍ରବଳ ଖରା ତାତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟର ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି । ସ୍କୁଲ ଗୁଡ଼ିକରେ ସକାଳ ୬ଟା ୩୦ରୁ ସାଢ଼େ ୧୦ଟା ଯାଏଁ ପାଠପଢ଼ା ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଦିନ ୧୧ଟାରୁ ଅପରାହ୍ନ ୩ଟା ଯାଏଁ ପଦାକୁ ନ ବାହାରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଓ୍ୱାଟ୍‌କୋକୁ ପର୍ଯ୍ୟାପ୍ତ ଜଳଯୋଗାଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ଜନିତ ସମସ୍ୟାର ମୁକାବିଲା ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପାଳ ଆବୋଲି ସୁନୀଲ ନରଓ୍ୱାଣେ କହିଛନ୍ତି ।

## ଏନ୍‌ଟିପିସିରେ ଅଗ୍ନିକାଣ୍ଡ

ଅନୁଗୁଳ ଜିଲ୍ଲା ତାଳଚେରର କଣିହାଁସ୍ଥିତ ଜାତୀୟ ତାପଜ ବିଦ୍ୟୁତ କେନ୍ଦ୍ର (ଏନ୍‌ଟିପିସି)ରେ ଆଜି ଭୟାବହ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । କୋଇଲା ଡିପୋରୁ ପ୍ଲାଣ୍ଟ ଭିତରକୁ ଯାଇଥିବା କନଭେୟର ବେଲ୍ଟରେ ନିଆଁ ଲାଗିଛି । ନିଆଁକୁ ଆୟତ୍ତ କରିବାକୁ ୫ଟି ଅଗ୍ନିନିର୍ବାପକ ଗାଡ଼ିକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅଗ୍ନିକାଣ୍ଡ ଯୋଗୁଁ ସ୍ଥାନୀୟ ଅଞ୍ଚଳ ଧୂମମୟ ହୋଇଯାଇଛି । ଏନ୍‌ଟିପିସିର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଁଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଇକୋଟ୍ୟୁରିଜିମ୍- ରାଜସ୍ୱ ଆଦାୟ

ସମ୍ବଲପୁର ଜିଲ୍ଲାସ୍ଥିତ ଡେବ୍ରିଗଡ ଇକୋଟ୍ୟୁରିଜିମ୍ ଗତ ଆର୍ଥିକ ବର୍ଷରେ ୩ କୋଟି ୫୦ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରିଛି। ସ୍ଥାନୀୟ ସମୁଦାୟ ଦ୍ୱାରା ପରିଚାଳିତ ଡେବ୍ରିଗଡ଼ ଇକୋ ଟୁରିଜିମ୍ ଆଦାୟ କରିଥିବା ଏହି ପରିମାଣ ଅର୍ଥରାଶି  ରାଜ୍ୟରେ ସର୍ବାଧିକ। ଏଥିସହ ସଂରକ୍ଷଣ ଏବଂ ଜୀବିକା କ୍ଷେତ୍ରରେ ସଫଳତା ହାସଲ କରିପାରିଛି । ଗୋଟିଏ ବର୍ଷରେ ଡେବ୍ରିଗଡକୁ ପ୍ରାୟ ୭୦ ହଜାର ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ଅଭୟାରଣ୍ୟ ଭିତରେ ରାତ୍ରୀକାଳୀନ ରହିବା କିମ୍ବା ହୀରାକୁଦ ଆର୍ଦ୍ରଭୂମିରେ ଜଙ୍ଗଲ ସଫାରି ଓ ବୋଟିଂର ମଜା ନେବା ପାଇଁ ବିଭିନ୍ନ ୟୁରୋପୀୟ ଦେଶ, ଆମେରିକା, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଆଦି ବାହାର ଦେଶରୁ ପର୍ଯ୍ୟଟକମାନେ ଚଳିତ ବର୍ଷ ଡେବ୍ରିଗଡ଼କୁ ଆସୁଛନ୍ତି ବୋଲି ଡିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ବର୍ଷ ଡେବ୍ରିଗଡ ଇକୋ ଟ୍ୟୁରିଜିମ୍ ଅଢେଇ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିଲା।

## ମହାବାରୁଣୀ ସ୍ନାନ-୧

ଆଜି ପବିତ୍ର ମହାବାରୁଣୀ ସ୍ନାନ ଅବସରରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ ନିକଟସ୍ଥ ମହାନଦୀର ବାରୁଣୀ ଘାଟରେ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକେଇଛନ୍ତି। ଏହି ଉପଲକ୍ଷେ  ବିଭିନ୍ନ ଗ୍ରାମରୁ ଆସିଥିବା ୮୦ରୁ ଉର୍ଦ୍ଧ୍ୱ ଠାକୁରଙ୍କର ଏଠାରେ ମିଳନ ପର୍ବ ହୋଇଛି। ପାରମ୍ପରିକ ନୀତି ଅନୁଯାୟୀ ସୁସଜ୍ଜିତ ବିମାନରେ ମହାଦେବଙ୍କ ବିଜେ

ପ୍ରତିମାଙ୍କୁ  ଘଣ୍ଟ, ଘଣ୍ଟା, ଶଙ୍ଖ, କାହାଳି, ଢ଼ୋଲ ଏବଂ ମୃଦଙ୍ଗ ବଜାଇ ପଟୁଆରରେ ମହାନଦୀ ଘାଟକୁ ନିଆଯିବା ପରେ ସେଠାରେ ଶ୍ରୀଜୀଉ ମାନେ ସ୍ନାନ କରିଥିଲେ। ଶ୍ରଦ୍ଧାଳୁମାନେ ମଧ୍ୟ ଆଜି ଏହି ଅବସରରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ, ପିଣ୍ଡଦାନ କରିଥିଲେ। ଖଣ୍ଡପଡା ବ୍ଲକ କଣ୍ଟିଲୋ ଗ୍ରାମ ସ୍ଥିତ ନୀଳମାଧବ କ୍ଷେତ୍ରରେ ମଧ୍ୟ ବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଛି । ମହାନଦୀ, କୁଆଁରିଆ, କୁସୁମୀର ସଙ୍ଗମ ସ୍ଥଳରେ ସୁସଜ୍ଜିତ ମଣିବିମାନରେ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଭବ୍ୟ ପଟୁଆରେ ଆସି ବାରୁଣୀ ସ୍ନାନ ପାଇଁ  ସଙ୍ଗମ ସ୍ଥଳକୁ ବିଜେ କରିଥିଲେ । ସେଠାରେ ସମସ୍ତ ପୂଜା ନୀତି ଓ ସ୍ନାନ ଇତ୍ୟାଦି ସମାପନ କରାଯାଇଥିଲା। ଏହି ଅବସରରେ ହଜାର ହଜାର ଲୋକ ସେଠାରେ ବୁଡ ପକାଇଥିଲେ ।

## ମହାବାରୁଣୀ ସ୍ନାନ–୩

ଆଜି ପବିତ୍ର ମହା ବାରୁଣୀ ସ୍ନାନ ଯୋଗ ଥିବାରୁ ଯାଜପୁର ଜିଲ୍ଲା ବୈତରଣୀ ନଦୀ କୂଳରେ ପ୍ରବଳ ଜନସମାଗମ ହୋଇଛି।  ନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଛନ୍ତି। ଶାସ୍ତ୍ରୀୟ ମତ ଅନୁସାରେ ବୈତରଣୀରେ ଯୋଗସ୍ନାନ, ପିଣ୍ଡଦାନ କଲେ ପୂର୍ବ ପୂରୁଷ ମୋକ୍ଷ ଲାଭ ହୋଇଥାଏ। ଗଙ୍ଗାନନଦୀ ପରି ଏହି ନଦୀରେ ପ୍ରତିବର୍ଷ ଚୈତ୍ର ମାସ ତ୍ରୟୋଦଶି ତିଥି ଶତ ଭିକ୍ଷା ନକ୍ଷତ୍ର ତିଥିରେ ପବିତ୍ର ଯୋଗସ୍ନାନ କରାଯାଏ । ଶୃଙ୍ଖଳିତ ଭାବେ ଏହି ବାରୁଣୀ ସ୍ନାନ

ଯାତ୍ରା ସମ୍ପନ୍ନ ନିମନ୍ତେ ପ୍ରଶାସନ ପକ୍ଷରୁ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରଯାଇଛି ।

## ମହାବାରୁଣୀ ସ୍ନାନ-୨

ଗଞ୍ଜାମ ଜିଲ୍ଲା ଆସିକାଠାରେ ଋଷିକୂଲ୍ୟା ଓ ବଡ଼ନଦୀର ସଙ୍ଗମସ୍ଥଳରେ ଆଜି ମହାବାରୁଣୀ ସ୍ନାନ ଅବସରରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ଶ୍ରଦ୍ଧାଳୁମାନେ ପିତୃପୁରଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରିଛନ୍ତି । ସେହିପରି ଜିଲ୍ଲାର ପୁରସ୍ତମପୁରର ପ୍ରତାପପୁରଠାରେ ଋଷିକୂଲ୍ୟ ନଦୀଘାଟରେ ମଧ୍ୟ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ଏ ସମ୍ପର୍କରେ ବୁଡ଼ ପକାଇବାକୁ ଆସିଥିବା ଜଣେ ଶ୍ରଦ୍ଧାଳୁ କହନ୍ତି...

**- V/O –**

## +୨ - ମୂଲ୍ୟାୟନ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ - ସି.ଏଚ୍.ଏସ୍.ସି. ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଖାତା ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହେଉଛି । ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ଖାତା ଦେଖା ୪ରୁ ଆରମ୍ଭ ହେବାର ଥିଲା । ହେଲେ ପ୍ରଥମ ପର୍ଯ୍ୟାୟ ଖାତାଦେଖାରେ ଛୁଟି ପଡ଼ିବାରୁ ଦୁଇ ଦିନ ବିଳମ୍ବ ଘଟିଛି । ତେବେ ନିର୍ଦ୍ଧାରିତ

ସମୟରେ ମୂଲ୍ୟାୟନ ଶେଷ ହୋଇ ମଇ ମାସ ୧୫ ତାରିଖ ମଧ୍ୟରେ ଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ପାଣିପାଗ

ରାଜ୍ୟରେ ବିଭିନ୍ନ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ଯାଏଁ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କଟକ, ଭଦ୍ରକ, ନୟାଗଡ଼, ମୟୁରଭଞ୍ଜ, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କନ୍ଧମାଳ ଏବଂ ବଲାଙ୍ଗୀର ଆଦି ୧୧ଟି ଜିଲ୍ଲାକୁ ଏ ନେଇ ସତର୍କତା ଜାରି କରାଯାଇଛି। ସେହିପରି କେନ୍ଦୁଝର, ମୟୁରଭଞ୍ଜ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼, କନ୍ଧମାଳ, ନୟାଗଡ଼, ଗଜପତି, ବାଲେଶ୍ୱର, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ଗୁଳୁଗୁଳି ଜାରି ରହିବ ବୋଲି କୁହାଯାଇଛି। ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା କେନ୍ଦୁଝରରେ ୩୮ ଦଶମିକ ୬ ଡିଗ୍ରୀ, ଝାରସୁଗୁଡ଼ା ଓ ସମ୍ବଲପୁରରେ ୩୭ ଦଶମିକ ୪ ଡିଗ୍ରୀ, ଚାନ୍ଦବାଲିରେ ତାପମାତ୍ରା ୩୭ ଦଶମିକ ୨ ଡିଗ୍ରୀ, ହୀରାକୁଦରେ ୩୬ ଦଶମିକ ୯ ଡିଗ୍ରୀ ଓ ରାଉରକେଲାରେ ପାରଦ ୩୬ ଦଶମିକ ୬ ଡିଗ୍ରୀ, ଭୁବନେଶ୍ୱରରେ ତାପମାତ୍ରା ୩୬ ଦଶମିକ ୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଅସନ୍ତା ଦୁଇ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ତେବେ ଦୁଇ ତିନି ଦିନ ପରେ ତାପମାତ୍ରା ସାମାନ୍ୟ

ହ୍ରାସ ପାଇପାରେ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

**********************************